**ତହସିଲଦାରଙ୍କ କାର୍ଯ୍ୟାଳୟ, ବୀରମିତ୍ରପୁର**

ଲଘୁ ଖଣିଜ ଲିଜ ନିଲାମ ଇସ୍ତାହାର

ବିଜ୍ଞପ୍ତି ସଂଖ୍ୟା. 568 ....../.ତାରିଖ. 04-03-2022

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଜୟ ପ୍ରଶାସନ ବିଭାଗ ଅଧିନସ୍ତ ବୀରମିତ୍ରପୁର ତହସିଲ ଅନ୍ତର୍ଗତ ନିମ୍ନସାରଣୀରେ ଉଲ୍ଲେଖିତଲଘୁ ଖଣିଜ ଖାଦାନର ଆସନ୍ତା (ପାଞ୍ଚ) ବର୍ଷ (2022-23 ରୁ 2026-27) ନିମନ୍ତେ ତହସିଲଦାର ବୀରମିତ୍ରପୁର ଦ୍ୱାରା ନିଲାଗ କରାଯିବ । ଇଚ୍ଛୁକ ବ୍ୟକ୍ତି ବିଶେଷ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ 2016 ର ଫାରମ – ଡ (Form-M) ପୂରଣ କରି ଏହାର ତିନି କପି ସହ ନିମ୍ନଲିଖିତ ଦଲିଲ ଓ କାଗଜାତ ସଂଲଗ୍ନ କରି ଜଉ ମୁଦଦିଆ ଲଫାପାରେ ଆବେଦନ କରିବେ ଯାହାକି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଥିବା ଟେଣ୍ଡର ବାକ୍ସରେ ତା. **21.03.2022** ରିଖ ଦିବା **12.00** ଘଟିକା ସୁଧା ଗ୍ରହଣ କରାଯିବ । ଧାର୍ଯ୍ୟ ତାରିଖ ଓ ସମୟର ଅତିବାହିତ ହେଲାପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ । ଉକ୍ତ ଦିନ ଅପରାହ୍ନ ଦିବା **12.15** ଘଟିକା ସମୟରେ ଉକ୍ତ ଟେଣ୍ଡର ବାକ୍ସ ତହସିଲ କାର୍ଯ୍ୟାଳୟରେ ଖୋଲାଯାଇ ଲିଜ ଦରଖାସ୍ତକାରି ବା ତାଙ୍କପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତ ଗୁଡିକ ତନଖି କରାଯାଇ ଚୂଡାନ୍ତ କରାଯିବ ଏବଂ ଅସଂପୂର୍ଣ ଦରଖାସ୍ତ ଗୁଡିକ ବାତିଲ କରାଯିବ । ପ୍ରଥମ ତାରିଖ ରେ ଲିଜ ସ୍ଥିରିକୃତ ନ ହୋଇପାରିଲେ ଦ୍ୱିତୀୟ ଥର ପାଇଁ ତା. **28.03.2022** ରିଖ ପାଇଁ ଓ ଦ୍ୱିତୀୟ ଥର ପାଇଁ ଲିଜ ସ୍ଥିରିକୃତ ହୋଇ ନ ପାରିଲେ ତୃତୀୟ ଥର ପାଇଁ ତା. **04.04.2022** ରିଖ ରେ ଉପରୋକ୍ତ ମତେ ଦରଖାସ୍ତ ଗ୍ରହଣ କରାଯିବ ।

1. ଦରଖାସ୍ତ ଫି ଟ. 1000.00 ( ଏକ ହଜାର) ଙ୍କାର ଟ୍ରେଜେରୀ ଚାଲାଣ ।
2. ଆବେଦନକାରୀଙ୍କ ଦ୍ୱାରା କୌଣସି ମାଇନିଙ୍ଗ ଦେୟ ବକେୟା ନଥିବା ନେଇ ଏକ ସତ୍ୟପାଠ ।
3. ଦରଖାସ୍ତକାରୀ ଧାର୍ଯ୍ୟ ହୋଇଥିବା ରାଶି (Earnest Money ) ଜମାକରି ଏହାର ନିଦର୍ଶନ ସ୍ୱରୂପ ରସିଦ ଦାଖଲ କରିବେ କିମ୍ବା Demand Draft ( in Original) ଦାଖଲ କରିବେ।
4. ଆବେଦନକାରୀ 1 ବର୍ଷ ନିମନ୍ତେ ନିର୍ଧାରିତ ସର୍ବ ନିମ୍ନ ପ୍ରତ୍ୟାଭୂତ ପରିମାଣର (Minimum Guaranted) ଲଘୁ ଖଣିଜାତ ଦ୍ରବ୍ୟ ପାଇଁ ଦେବାକୁ ଥିବା ରୟାଲଟି (Royalty) ଓ ସଂପୃକ୍ତ ଆବେଦନ କାରୀଙ୍କ ଦ୍ୱାରା ଆବେଦିତ ଅତିରିକ୍ତ ଦେୟ (Additional Charge) ପରିମାଣର ଏକ ଶୋଧକ୍ଷମତା ପ୍ରମାଣ ପ୍ରମାଣ ପତ୍ର ( Solvency Certificate) କିମ୍ବା ଅଠର ମାସ ନିମନ୍ତେ ସଂପୃକ୍ତ ରାଶିର ଏକ ବ୍ୟାଙ୍କ ପ୍ରତ୍ୟାଭୂତ (Bank Guarantee) ଦାଖଲ କରିବା ହେବେ । ଏହା ସହିତ ଆବେଦନକାରୀ ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ଅନ୍ୟାନ ସ୍ଥାବର ସଂପତ୍ତିର ବିବରଣୀ ଦାଖଲ କରିବେ ।
5. ଅନ୍ୟ ବିବରଣୀ ଯଥା ଜ୍ଞାନ ଦକ୍ଷତା. ଆର୍ଥିକ ସ୍ଥିତି, ଯନ୍ତ୍ରପାତି ଇତ୍ୟାଦିର ବିବରଣୀ ଦାଖଲ କରିବେ ।
6. ଦ୍ରବ୍ୟ ଓ ସେବା ଟିକସ (GST Certificate) ର ନକଲ ।

## ଲଘୁ ଖଣିଜାତ ସୌରାତ ଉତ୍ସର ବିବରଣୀ

| କ୍ରମିକ ସଂଖ୍ୟା | ସୈରାତ ଉତ୍ସର ନାମ | ସୈରାତ ଉତ୍ସର ବିସ୍ତୃତ ବିବରଣୀ | | | | | ଖଣିଜ ପଦାର୍ଥର ନାମ | ସର୍ବନିମ୍ନ ରୟାଲଟି ମୂଲ୍ୟ ( ଘ.ମି.ରେ) (ଟଙ୍କାରେ) | ସର୍ବନିମ୍ନ ଅତିରିକ୍ତ ମୂଲ୍ୟ ( ଘ.ମି.ରେ) (ଟଙ୍କାରେ) | ପ୍ରତିବର୍ଷ ଉଠାଣ ହେବାକୁ ଥିବା ସର୍ବନିମ୍ନ ପରିମାଣ | ବଇନା ରାଶି (ଟଙ୍କାରେ) |
|---|---|---|---|---|---|---|---|---|---|---|---|
| | | ମୌଜାର ନାମ | ଖାତା ନଂ | ପ୍ଲଟ ନଂ | କିସମ | ରକବା (ଏକରରେ) | | | | | |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 |
| 1. | ଡେଡେରକେଲା ବାଲୁକା ଶଯ୍ୟା | ଡେଡେରକେଲା | **84** | **526/527** ଅଂଶ | ନଦୀ | **11.52** | ବାଲି | **35.00** | **660.00** | **12000** | **417000** |

ସର୍ତ୍ତାବଳୀ

1. ଆବେଦନ କାରୀ ମାନେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ 2016 ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ (ସଂଶୋଧନ) 2017ଏବଂ 2018 ର ପରିସର ଭୁକ୍ତ ରହିବେ ।
2. ଆବେଦନ କାରୀ ଲିଜ ପାଇଁ ଉଦ୍ଦିଷ୍ଟ ନିଲାମ ରେ ଭାଗ ନେବା ପୂର୍ବରୁ ଲଘୁ ଖଣିଜ ଖାଦାନ ଗୁଡିକ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ ଆନୁଷାଙ୍ଗିକ ସୁବିଧା ସଂପର୍କରେ ପର୍ଯ୍ୟବେକ୍ଷଣ କରି ଏହି ଲିଜ ନିମିତ୍ତ ନିଲାମ ରେ ଅଂଶ ଗ୍ରହଣ କରିବେ ।
3. ଲିଜ ପରେ ସୈରାତ ଚଳାଇବା ସଂପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।
4. ଲିଜ ଦିଆଯାଉଥିବା ଧାର୍ଯ୍ୟ ସମୟ ଭିତରେ କର୍ତ୍ତୃପକ୍ଷ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଦାୟୀ ରହିବେ ନାହିଁ ।
5. ବାଲି ପାଇଁ ସର୍ବନିମ୍ନ ରୟାଲଟି ମୂଲ୍ୟ ଘନମିଟର ପ୍ରତି (Per Cubic Meter) ଟ.35.00 ଙ୍କା ।
6. ସରକାରୀ ଭାବେ ଘନମିଟର ପ୍ରତି ଧାର୍ଯ୍ୟ ସର୍ବନିମ୍ନ ଅତିରିକ୍ତ ଦେୟ (Minimum Additional Charge ) ଦରଠାରୁ କମ ଦରରେ ଦରଖାସ୍ତ କରିଥିବା କିମ୍ବା ଆବଶ୍ୟକିୟ ଦଲିଲ ସଂଲଗ୍ନ ନ କରିଥିବା ଦରଖାସ୍ତ କାରୀଙ୍କ ଦରଖାସ୍ତ ଖାରଜ କରିଦିଆଯିବ ।
7. ଲିଜରେ ସମସ୍ତ ସର୍ତ୍ତାବଳି ପାଳନ କରୁଥିବା ଏବଂ ସର୍ବାଧିକ ପ୍ରତି ଘନ ମିଟର ପାଇଁ ଅତିରିକ୍ତ ଦେୟ ଦାଖଲ ପାଇଁ ଆବେଦନ କରିଥିବା ଆବେଦନ କାରୀଙ୍କୁ ଲିଜ ଦିଆଯିବା ନିମନ୍ତେ ନିଲାମର ସାତ ଦିନ ମଧ୍ୟରେ ଜଣାଇ ଦିଆଯିବ । ଲିଜ ଧାରିଙ୍କୁ ଜଣାଇବାର ପନ୍ଦର ଦିନ ମଧ୍ୟରେ ସେ ନିଜର ସ୍ୱିକୃତି ପ୍ରଦାନ କରିବା ସହ ନିଜେ ଦାଖଲ କରିଥିବା ନିଲାମ ଡ଼ାକ ଅନୁଯାୟୀ ରୟାଲଟି, ଅତିରିକ୍ତ ଦେୟ, ଜିଲ୍ଲା ଖଣିଜ ଫାଉଣ୍ଡେସନ (District Mineral Foundation ) ଓ ପରିବେଶ ପରିଚାଳନା ଅର୍ଥ

( Environment Management Fund ) ନିମନ୍ତେ ଧାର୍ଯ୍ୟ ଅଂଶଦାନ, ଡେଡ ରେଣ୍ଟ, ସରଫେସ ରେଣ୍ଟ ପାଇଁ ଦବାକୁ ଥିବା ଆର୍ଥିକ ଦେୟ ହିସାବ କରାଯିବ ଓ ଏହି ସମସ୍ତ ଦେୟର 25% ପୂର୍ବରୁ ଦାଖଲ କରିଥିବା ବଇନା ରାଶି (Earnest Money) କୁ ବାଦ ଦେଇ ଅବଶିଷ୍ଟ ଅର୍ଥ ଜମା କରିବେ । ଏହି ଜମା କରୁଥିବା ଅର୍ଥ ସହି ପୂର୍ବରୁ ଦାଖଲ ହୋଇଥିବା ବଇନା ରାଶି (Earnest Money ) କୁ ଏକତ୍ର କରି ଅମାନତ ରାଶି (Security Deposit) ଭାବରେ ରଖାଯିବ । ଦରଖାସ୍ତ କାରୀ ନିଲାମ ଧାରୀ ରୟାଲିଟି ସହ ଅଫର କରିଥିବା ଘନ ମିଟର ପ୍ରତି ଅତିରିକ୍ତ ଦେୟ ଓ ଅନ୍ୟାନ ସରକାରୀ ଦେୟ ଯେପରିକି ଡେଡ ରେଣ୍ଟ, ସରଫେସ ରେଣ୍ଟ, ଜିଲ୍ଲା ଖଣିଜ ଫାଉଣ୍ଡେସନ ଓ ପରିବେଶ ପରିଚାଳନା ରାଶିକୁ ଅଂଶଦାନ, ଆୟକର (TCS ) ଇତ୍ୟାଦି ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ 2016 ଅନୁଯାୟୀ ଯଥା ସମୟରେ ପଇଠ କରିବେ ।

8. ସର୍ବୋଚ୍ଚ ନିଲାମ ଧାରୀ ଖଣି ପରିଚାଳନା ନିମନ୍ତେ ଆବଶ୍ୟକୀୟ ମଞ୍ଜୁରୀ (Consent to operate (CTO) and Consent to Establish (CTE) ରାଜ୍ୟ ପ୍ରଦ୍ୟୁଷଣ ନିୟନ୍ତ୍ରଣ ପରିଷଦ (Regional Office of State Polution control Board ) ଙ୍କ ଠାରୁ ନିଜ ଖର୍ଚ୍ଚରେ ପ୍ରାପ୍ତ କରିବେ ।

9. ମାଇନିଙ୍ଗ ପ୍ଳାନରେ ଦର୍ଶାଯାଇଥିବା ଗଚ୍ଛିତ ଖଣିଜ ଦ୍ରବ୍ୟର ପରିମାଣ ଓ ଖାଦାନ ର ଧାର୍ଯ୍ୟରକବା ଅନୁଯାୟୀ ଧାର୍ଯ୍ୟ ରୟାଲିଟି, ଅତିରିକ୍ତ ଦେୟ (Additional charge ) ଡେଡ ରେଣ୍ଟ, ସରଫେସ ରେଣ୍ଟ, ଜିଲ୍ଲା ଖଣିଜ ଫାଉଣ୍ଡେସନ (District Mineral Foundation) ଓ ପରିବେଶ ପରିଚାଳନା ରାଶିକୁ ଧାର୍ଯ୍ୟ ଅଂଶଦାନ ନିୟମ ଅନୁଯାୟୀ ଚୁକ୍ତି ପତ୍ର (Lease Deed) ପ୍ରସ୍ତୁତି ପୂର୍ବରୁ ଜମା କରିବେ ଓ ପରବର୍ତ୍ତୀ ବର୍ଷ ଗୁଡିକ ପାଇଁ ପ୍ରତ୍ୟେକ ବର୍ଷ ଜାନୁଆରୀ ମାସ ପନ୍ଦର ତାରିଖ ପୂର୍ବରୁ ଜମା କରିବା ହେବେ ।

10. ସର୍ବୋଚ୍ଚ ନିଲାମ ଧାରୀ ଯାହା ସପକ୍ଷରେ ନିଲାମ ହୋଇ ଅଛି ସେ ସମସ୍ତ ଦେୟ ଜମା କରିବା ପରେ ଓ ସେ ସମସ୍ତ ନିକାସ (Clearance ) ଆଣିବା ପରେ ଫାରମ -ଢ (Form- N ) ରେ ଚୁକ୍ତି ପତ୍ର ସ୍ଵାକ୍ଷର କରିବା ସହ ନିଜ ଖର୍ଚ୍ଚରେ ଏହାକୁ ରେଜିଷ୍ଟ୍ରେସନ କରିବେ ।

11. ଲିଜ ଧାରୀ ଦାଖଲ କରୁଥିବା ସମସ୍ତ ଦେୟ ଯଥା ରୟାଲିଟି ଓ ଅନ୍ୟାନ ଦେୟ ର 2% ଆୟକର (TCS ) ବାବଦକୁ ଜମା କରିବେ ଏବଂ ବିଜ୍ଞାପନ ଖର୍ଚ୍ଚ ମଧ୍ୟ ବହନ କରିବେ ।

12. ଲିଜ ଧାରୀ ସୈରାତ ଉପର ନକ୍ସା ଅନୁଯାୟୀ ସିମେଣ୍ଟ ଖୁଣ୍ଟିର ବାଡ ଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗ ରେ ଏକ ସୂଚନା ଫଳକ (Display Board ) ତିଆରି କରି ସେଥିରେ ସୈରାତ ଉପର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ ସୂଚନା ଉଲ୍ଲେଖ କରିବେ । ଏସବୁ କାର୍ଯ୍ୟ ପାଇଁ ଖର୍ଚ୍ଚ ଲିଜ ଧାରୀ ବହନ କରିବେ ।

13. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲା ପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜ ଧାରୀ ସୈରାତ ଉପରୁ ଲଘୁ ଖଣିଜ ଉଠାଇ ପାରିବେ ନାହିଁ ।

14. ଲିଜ ସମ୍ବନ୍ଧିୟ ସର୍ତ୍ତାବଳୀ, ମାଇନିଙ୍ଗ ପ୍ଲାନ ଓ ଅନ୍ୟାନ କାଗଜାତ ପତ୍ର ଅତ୍ର କାର୍ଯ୍ୟାଳୟର ଛୁଟି ଦିନ ବ୍ୟତୀତ ସମସ୍ତ କାର୍ଯ ଦିବସରେ ଦେଖି ପାରିବେ । ଏହି ଇସ୍ତାହାର ର ସମ୍ପୂର୍ଣ୍ଣ ବିବରଣୀ ଜିଲ୍ଲା ଓ୍ୱେବସାଇଟ (www.sundargarh.nic.co.in ) ରେ ମଧ୍ୟ ଦେଖିପାରିବେ ।

15. ନିଲାମି ଦରଖାସ୍ତକାରୀ ମାନେ ତଥା ଲିଜ ଗ୍ରହିତା ଓଡିଶା ଲଘୁ ଖଣିଜ ନିୟମ 2016 ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ ( ସଂଶୋଧନ ) 2017 ଏବଂ 2018 ଓ ତତ୍ ସଂଲଗ୍ନ ସମସ୍ତ ସରକାରୀ ଓ ଅଦାଲତ ଆଦେଶ ମାନିବାକୁ ବାଧ୍ୟ ହେବେ ।

16. ଯଦି ଉକ୍ତ ଇସ୍ତାହାରରେ କୌଣସି ତୃଟି ପରିଲିଖିତ ହୁଏ ତେବେ ତାହା ସଂଶୋଧନ କରିବାର ଅଧିକାର କ୍ଷମତା ପ୍ରାପ୍ତ ଅଧିକାରୀଙ୍କର ରହିଛି ଏବଂ କ୍ଷମତା ପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଲିଜ କାର୍ଯ୍ୟ ବାତିଲ ବା ସ୍ଥଗିତ କରିପାରିବେ ।

04/03/22

ତହସିଲଦାର, ବୀରମିତ୍ରପୁର

ଜ୍ଞାପକ ସଂଖ୍ୟା 569 / ତା. 04-03-2022

ଏହାର ଏକକିତା ନକଲ ଓ ଫାରମ-ଡ (Form-M ) ର କପି ସହ ତହସିଲଦାର ବୀରମିତ୍ରପୁର/ କୁଆରମୁଣ୍ଡା କାର୍ଯ୍ୟାଳୟ ନୋଟିସ ବୋର୍ଡ / ବୀରମିତ୍ରପୁର ତହସିଲ ପରିଷରଭୁକ୍ତ ସମସ୍ତ ପଞ୍ଚାୟତ ସମିତି କାର୍ଯ୍ୟାଳୟ / ଜିଲ୍ଲାପାଳ ସୁନ୍ଦରଗଡ / ଅତିରିକ୍ତ ଜିଲ୍ଲାପଳ, ସୁନ୍ଦରଗଡ / ପ୍ରକଳ୍ପ ନିର୍ଦ୍ଦେଶକ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ସୁନ୍ଦରଗଡ / ଉପ-ଜିଲ୍ଲାପାଳ, ପାନପୋଷ /ନିର୍ବାହୀ ଯନ୍ତ୍ରୀ, ରାସ୍ତା ଏବଂ ଗୃହ ନିର୍ମାଣ ରାଉରକେଲା / ନିର୍ବାହୀ ଅଧିକାରୀ, ବୀରମିତ୍ରପୁର ମ୍ୟୁନିସିପାଲିଟି / ଅତ୍ର ତହସିଲ ଅନ୍ତର୍ଗତ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟର ନୋଟିସ ବୋର୍ଡରେ /ସଂପୃକ୍ତ ଗ୍ରାମରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜାରି କରିବାକୁ ପ୍ରେରଣ କରାଗଲା ।

ଏହାର ଏକକିତା ଲେଖାଏଁ ନକଲ ସଂପୃକ୍ତ ମୌଜାରେ ସର୍ବସାଧାରଣଙ୍କ ର ଅବଗତି ପାଇଁ ଜାରି ନିମନ୍ତେ ପ୍ରେରଣ କରାଗଲା ।

04/03/22

ତହସିଲଦାର, ବୀରମିତ୍ରପୁର

ଜ୍ଞାପକ ସଂଖ୍ୟା...570........./ ତା. ....04-03-2022...........

ଏହାର ଏକକିତା ନକଲ ଓ ଫାରମ-ଡ (Form-M ) ର କପି ସହ ଜିଲ୍ଲା ସୂଚନା ପ୍ରଯୁକ୍ତି ଅଧିକାରୀ, ସୁନ୍ଦରଗଡଙ୍କ ଅବଗତି ଓ ବିହିଦ ପଦକ୍ଷେପ ନିମନ୍ତେ ପ୍ରେରଣ କରାଯିବା ସହ ତାଙ୍କୁ ଅନୁରୋଧ କରାଯାଉ ଅଛିକି ଏହି ବିଜ୍ଞାପନକୁ ସେ ଜିଲ୍ଲା ୱେବସାଇଟରେ (www.sundargarh.nic.co.in ) ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜାରି କରିବେ ।

04/03/22
ତହସିଲଦାର, ବୀରମିତ୍ରପୁର

ଜ୍ଞାପକ ସଂଖ୍ୟା....571........./ ତା. ....04-03-2022...........

Copy submitted to the Deputy Director, ( Advertisment) Information and public relation Deptt. Odisha, Bhubaneswar through the e-mail address in ( ipr.advt@gmail.com) with a request to publish in two daily news papers, atleast one of which state lavel and other have been wide publicity in the area where the quarry is located.

04/03/22
ତହସିଲଦାର, ବୀରମିତ୍ରପୁର

## ତହସିଲ କାର୍ଯ୍ୟାଳୟ, ବୀରମିତ୍ରପୁର

ସଂ.- 568 / ତାରିଖ- 04-03-2022

**ଲଘୁ ଖଣିଜ ଉତ୍ସର ଦୀର୍ଘ ମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିଯେ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ବୀରମିତ୍ରପୁର ତହସିଲ ଅଧିନରେ ଥିବା ଡେଡେରକେଲା ବାଲୁକା ଶଯ୍ୟାକୁ ଆଗାମୀ ପାଞ୍ଚ (5) ବର୍ଷ ନିମନ୍ତେ ଦୀର୍ଘ ମିଆଦୀ ଲିଜ ସକାଶେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ସୈରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ତଥ୍ୟ ସୁନ୍ଦରଗଡ ଜିଲ୍ଲା ୱେବସାଇଟ ( www.sundargarh.nic.co.in) ରେ ଉପଲବ୍ଧ ଅଟେ ।

04/03/22
ତହସିଲଦାର, ବୀରମିତ୍ରପୁର

ଜ୍ଞାପକ ସଂଖ୍ୟା.. 571 / ତା.. 04-03-2022

Copy submitted to the Deputy Director, ( Advertisment) Information and public relation Deptt. Odisha, Bhubaneswar through the e-mail address in (ipr.advt@gmail.com) with a request to publish in two daily news papers, atleast one of which state lavel and other have been wide publicity in the area where the quarry is located.

04/03/22
ତହସିଲଦାର, ବୀରମିତ୍ରପୁର